# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 523 CUTTACK, SATURDAY, MARCH 25, 2017/CHAITRA 4, 1939**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 2 ମାର୍ଚ୍ଚ 2016

ସଂଖ୍ୟା 7030—RDM-LAA-MBJ-0010/2017-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଭଦ୍ରାଶୁଳ ସବ୍-ମାଇନର ଏବଂ ଧାନସୁଳ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ମୌଜା ଭଦ୍ରଶୁଳ, ଥାନା ବେତନଟୀ ନଂ. ୯୨, ତହସିଲ ମୋରଡା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ୦.୯୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ—ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଭଦ୍ରାଶୁଳ ସବ୍-ମାଇନର ଏବଂ ଧାନସୁଳ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ।

2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ—ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୁରଭଞ୍ଜ ।

3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ—ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ—ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ—ଉପଜିଲ୍ଲାପାଳ, (ବାରିପଦା) ମୟୂରଭଞ୍ଜ ।

6. ଜମିର ବିବରଣୀ—

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ମୟୂରଭଞ୍ଜ | ମୋରଡା | ଭଦ୍ରାଶୁଳ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩.୧୧ ଏକର | ୦.୯୦ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା, ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ ୧ ସୁବର୍ଣ୍ଣରେଖା ଜଳସେଚନପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଭୂମି ଅନୁସୂଚୀ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| | | ଏକର | ଏକର | | |
| ୨ ରୟତି | ୧୦୪/୨୮୫ | ୦.୪୦ | ୦.୧୦ | ଘରବାରି | କାହ୍ନୁ ମହାନ୍ତ, ପି. ଭରତ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୪ ରୟତି | ୧୦୩ | ୦.୩୮ | ୦.୧୦ | ଡାହି ଏକ | କୃପାସିନ୍ଧୁ ମହାନ୍ତ, ପି. ମଙ୍ଗଳ ମହାନ୍ତ, ଜା. କୁଡୁମି, |
| | ୧୦୫ | ୦.୫୩ | ୦.୦୭ | ଡାହି ଏକ | ବା. ନିଜଗାଁ । |
| ୩୩ ରୟତି | ୧୦୪/୨୮୩ | ୦.୩୮ | ୦.୧୧ | ଘରବାରି | ରମଶ ମହାନ୍ତ, ନନ୍ଦଲାଲ ମହାନ୍ତ, ମହନ୍ଦ୍ର ମହାନ୍ତ, ଆନନ୍ଦ |
| | ୧୦୪/୨୮୪ | ୦.୪୭ | ୦.୨୦ | ଘରବାରି | ମହାନ୍ତ, ପି. ଚନ୍ଦ୍ରୁ ମହାନ୍ତ, ଜା. କୁଡୁମି, ବା. ନିଜଗାଁ । |
| ୩୬ ରୟତି | ୧୦୪/୨୮୨ | ୦.୨୬ | ୦.୧୩ | ଘରବାରି | ରୋହିଦାସ ମହାନ୍ତ, ସନାତନ ମହାନ୍ତ, ପି. ଧୁମା ମହାନ୍ତ, |
| | | | | | ନିର ମହାନ୍ତ, ସ୍ୱା. ଧୁମା ମହାନ୍ତ, ଜା. କୁଡୁମି, ବା. ନିଜଗାଁ । |
| ୪୫/୫ ରୟତି | ୧୦୩/୨୮୬ | ୦.୨୮ | ୦.୧୦ | ଡାହି ଏକ | ଲଳିତା ମହାନ୍ତ, ସ୍ୱା. ଜଗନ୍ନାଥ ମହାନ୍ତ, ଜା. କୁଡୁମି, |
| | ୧୦୫/୨୮୭ | ୦.୧୯ | ୦.୦୨ | ଡାହି ଏକ | ବା. ଛୋଟରାଏପୁର, ଥା. ମୁରୁଡା । |
| ୪୫/୮ ରୟତି | ୧୦୩/୩୧୬ | ୦.୧୧ | ୦.୦୫ | ଡାହି ଏକ | ମନ୍ମଥ ମହାନ୍ତ, ପି. ମଙ୍ଗଳ ମହାନ୍ତ, ଜା. କୁଡୁମି, |
| | ୧୦୫/୩୧୭ | ୦.୧୧ | ୦.୦୨ | ଡାହି ଏକ | ବା. ନିଜଗାଁ । |
| | **ସର୍ବମୋଟ ୧୦ ପ୍ଲଟକୁ** | **୩.୧୧** | **୦.୯୦** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯଗ୍ମ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2393–173+20